[2008) 5 S.C.R. 988

ହୁଚପ୍ପା @ ହୁଚରାୟପ୍ପା ଏବଂ ଅନ୍ୟମାନେ

ବନାମ

କର୍ଣ୍ଣାଟକ ରାଜ୍ୟ

(ଫୌଜଦାରୀ ଆବେଦନ ସଂଖ୍ୟା 577/2008)

ଏପ୍ରିଲ 1,2008

**[ଡକ୍ଟର ଅରିଜିତ ପଶାୟତ ଏବଂ ପି. ସଥାସିଭମ୍, ନ୍ୟାୟମୂର୍ତ୍ତିଦ୍ୱୟ]**

*ଦଣ୍ଡ ସଂହିତା, 1860-ଏହାର ଧାରା 326 ଅନୁଯାୟୀ ଦୋଷୀସାବ୍ୟସ୍ତିକରଣ - ଅଭିଯୁକ୍ତଙ୍କ ଦ୍ୱାରା ଆବେଦନ - ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଏହାକୁ ପ୍ରତ୍ୟାଖ୍ୟାନ - ଏହାକୁ ଆପତ୍ତି – ନିର୍ଣ୍ଣୟ ନିଆଗଲା ଯେ : ଉଚ୍ଚ ନ୍ୟାୟାଳୟଙ୍କର ଆଭିମୁଖ୍ୟ ବେପରୁଆ ଥିଲା - ଏହା ଅଭିଯୁକ୍ତ-ଆବେଦନକାରୀଙ୍କ ପକ୍ଷରୁ ବିଭିନ୍ନ ଯୁକ୍ତିରେ ବୁଦ୍ଧି ପ୍ରୟୋଗ କଲେ ନାହିଁ - ତେଣୁ ମାମଲାକୁ ଉଚ୍ଚ ନ୍ୟାୟାଳୟଙ୍କ ନିକଟକୁ ଫେରାଇ ଦିଆଗଲା - ପ୍ରଥା ଏବଂ ପ୍ରକ୍ରିୟା – ଅପରାଧିକ ଆବେଦନ - ଫଇସଲା କରିବାର ରୀତି ।*

**ଅଭିଯୋଜନ ପକ୍ଷ ଅନୁଯାୟୀ, 14 ଜଣ ଅଭିଯୁକ୍ତ ବ୍ୟକ୍ତିମାନେ ଏକ ବେଆଇନ ଜନ ସମାବେଶ କରି, ଏହାର ସଦସ୍ୟ ଭାବେ ସାମିଲ ହେଲେ ଏବଂ ଜଣେ ବ୍ୟକ୍ତିଙ୍କୁ ମରଣାନ୍ତକ ଅସ୍ତ୍ରଶସ୍ତ୍ରରେ ଆକ୍ରମଣ କଲେ ଯାହା ତାଙ୍କୁ ଗୁରୁତର ଆଘାତ ଦେଇଥିଲା ଏବଂ ଫଳସ୍ୱରୂପ ତାଙ୍କର ମୃତ୍ୟୁ ଘଟିଥିଲା । ବିଚାରଣ ନ୍ୟାୟାଳୟ 11 ଜଣ ଅଭିଯୁକ୍ତମାନଙ୍କୁ ନିର୍ଦ୍ଦୋଷରେ ଖଲାସ କଲେ କିନ୍ତୁ ଅନ୍ୟ ତିନି ଜଣ ଅଭିଯୁକ୍ତ ଅର୍ଥାତ୍ ଆବେଦନକାରୀମାନଙ୍କୁ ଭାରତୀୟ ଦଣ୍ଡ ସଂହିତାର ଧାରା 326 ଅନୁଯାୟୀ ଦୋଷୀ ସାବ୍ୟସ୍ତ କଲେ । ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଆବେଦନକାରୀମାନଙ୍କ ଦୋଷୀସାବ୍ୟସ୍ତିକରଣକୁ କାଏମ ରଖାଗଲା । ତେଣୁ ବର୍ତ୍ତମାନର ଏହି ଆବେଦନ ।**

**ନୂତନ ଫଇସଲା ପାଇଁ ମାମଲାଟିକୁ ଉଚ୍ଚ ନ୍ୟାୟାଳୟଙ୍କ ନିକଟକୁ ଫେରାଇ ଦେବାରେ ଏହି ନ୍ୟାୟାଳୟ ,**

**ରାୟ ଦେଲେ ଯେ : ଉଚ୍ଚ ନ୍ୟାୟାଳୟଙ୍କ ରାୟ ହେଉଛି ଦ୍ୱନ୍ଦ୍ୱର ଏକ ଗଣ୍ଡିଲି । ଯେହେତୁ ଉଚ୍ଚ ନ୍ୟାୟାଳୟ ଆବେଦନକାରୀଙ୍କ ସପକ୍ଷରେ କରାଯାଇଥିବା ବିଭିନ୍ନ ଯୁକ୍ତି ଉପରେ ନିଜର ବୁଦ୍ଧି**

**ପ୍ରୟୋଗ କରିନାହାନ୍ତି ଏବଂ ଏକ ବେପରୁଆ ଢଙ୍ଗରେ ଆବେଦନଟିର ଫଇସଲା କରିଛନ୍ତି, ତେଣୁ ଆଇନ ଅନୁଯାୟୀ ନୂତନ ଫଇସଲା ପାଇଁ ମାମଲାଟି ଉଚ୍ଚ ନ୍ୟାୟାଳୟଙ୍କ ନିକଟକୁ ଫେରାଇ ଦିଆଯାଇଛି ।**

ଫୌଜଦାରୀ ଆବେଦନ ଅଧିକାରିତା : ଫୌଜଦାରୀ ଆବେଦନ ସଂଖ୍ୟା 577/2008

ଫୌଜଦାରୀ ଆବେଦନ ସଂଖ୍ୟା 346/2001(ସ୍ ଯେ)ରେ ବାଙ୍ଗାଲୋର ସ୍ଥିତ କର୍ଣ୍ଣାଟକ ଉଚ୍ଚ ନ୍ୟାୟାଳୟଙ୍କର ତାରିଖ 27.7.2006 ର ରାୟରୁ ବର୍ତ୍ତମାନର ଏହି ଆବେଦନ ।

ଆବେଦନକାରୀଙ୍କ ତରଫରୁ ଏନ୍. ଡି. ବି. ରାଜୁ, ଭାରତୀ ରାଜୁ ଏବଂ ଏନ୍. ଗଣପତି ।

ଉତ୍ତରଦାତାଙ୍କ ତରଫରୁ ଅନିତା ଶିନୋୟ ।

ନ୍ୟାୟମୂର୍ତ୍ତି ଡକ୍ଟର ଅରିଜିତ୍ ପଶାୟତଙ୍କ ଦ୍ୱାରା ନ୍ୟାୟାଳୟଙ୍କର ରାୟ ପ୍ରଦାନ କରାଗଲା । ଅନୁମତି ପ୍ରଦାନ କରାଗଲା ।

2. ଶିମୋଗା ସ୍ଥିତ ବିଦ୍ୱାନ ମୁଖ୍ୟ ଦୌରା ବିଚାରପତିଙ୍କ ଦ୍ୱାରା ଦୌରା ମାମଲା ସଂଖ୍ୟା 37/1995 ରେ ଭାରତୀୟ ଦଣ୍ଡ ସଂହିତାର ଧାରା 326 ଅନୁଯାୟୀ ଦଣ୍ଡନୀୟ ଅପରାଧ ନିମିତ୍ତ ତିନି ଜଣ ଆବେଦନକାରୀମାନଙ୍କୁ ଦୋଷୀ ସାବ୍ୟସ୍ତ ରାୟକୁ ଏବଂ ପ୍ରତ୍ୟେକଙ୍କୁ ପାଞ୍ଚ ବର୍ଷ ଲେଖାଏଁ ସଶ୍ରମ କାରାଦଣ୍ଡ ଏବଂ ପ୍ରତ୍ୟେକଙ୍କୁ 2,000/- ଟଙ୍କା ଲେଖାଏଁ ଜୋରିମନା ଦେବାକୁ ଖିଲାପି ସର୍ତ୍ତାବଳୀ ସହ ଏବଂ ଦଣ୍ଡାଦେଶ କାଏମ ରଖିଥିବା ଉଚ୍ଚ ନ୍ୟାୟାଳୟଙ୍କର ଜଣେ ବିଦ୍ୱାନ ଏକକ ବିଚାରପତିଙ୍କ ଆଦେଶ ବିରୁଦ୍ଧରେ ଏହି ଆବେଦନରେ ଆପତ୍ତି ହୋଇଛି । ମୂଳତଃ ଏଠାରେ 14 ଜଣ ଅଭିଯୁକ୍ତ ବ୍ୟକ୍ତିମାନେ ଥିଲେ । ବିଚାରଣ ଅଦାଲତ ବର୍ତ୍ତମାନର ଆବେଦନକାରୀମାନଙ୍କୁ ଫୌଜଦାରୀ କାର୍ଯ୍ୟବିଧି ସଂହିତା, 1973 (ସଂକ୍ଷେପରେ 'Cr.P.C.') ର ଧାରା 235 (1) ଅନୁଯାୟୀ ଦୋଷୀ ସାବ୍ୟସ୍ତ କଲେ ଏବଂ ଅନ୍ୟମାନଙ୍କୁ ଦୋଷୀ ସାବ୍ୟସ୍ତ କଲେ ନାହିଁ । ମୂଳତଃ ସମସ୍ତ ଅଭିଯୁକ୍ତ ବ୍ୟକ୍ତିମାନେ ଭାରତୀୟ ଦଣ୍ଡ ସଂହିତାର ଧାରା 143,144,147,148,109,504, 324, 323 ଏବଂ 506 ଧାରା ସହିତ ଧାରା 149 ଅନୁଯାୟୀ ଅପରାଧ କରିଥିବା ଅଭିଯୋଗରେ ଆରୋପିତ ହୋଇଥିଲେ । 28.11.1994 ରେ ମହାଦେବାପ୍ପାଙ୍କ (ଏହା ପରେ 'ମୃତ' ଭାବରେ ସୂଚିତ) ମୃତ୍ୟୁକୁ ଦୃଷ୍ଟିରେ ରଖି ଭାରତୀୟ ଦଣ୍ଡ ସଂହିତାର ଧାରା 303 ଯୋଡାଯାଇଥିଲା ।

3. ବିଚାର ସମୟରେ ପ୍ରକାଶ ପାଇଥିବା ଅଭିଯୋଜନ ପକ୍ଷର ଉପସ୍ଥାପନା ନିମ୍ନମତେ ଥିଲା :

ଅଭିଯୁକ୍ତ ବ୍ୟକ୍ତି 1 ରୁ 14 ଏକ ବେଆଇନ ଜନ ସମାବେଶ କରି, ଏହାର ସଦସ୍ୟ ଭାବେ ସେଥିରେ ସାମିଲ ହେଲେ ମରଣାନ୍ତକ ଅସ୍ତ୍ରଶସ୍ତ୍ର ସହିତ ଅଦାଲତ ସାକ୍ଷୀ -1 ଉପରେ ଆକ୍ରମଣ କଲେ ଫଳସ୍ୱରୂପ ତାଙ୍କ ବାମ ଗୋଡର ଅସ୍ଥି ଭଙ୍ଗ ହେଲା । ଅଦାଲତ ସାକ୍ଷୀ -1 ଆଘାତ ଏବଂ ସେପ୍ଟିସେମିଆ କାରଣରୁ ପାଞ୍ଚ ଦିନ ଚିକିତ୍ସା ପରେ ମୃତ୍ୟୁ ବରଣ କରିଥିଲେ । ମୃତ ବ୍ୟକ୍ତିଙ୍କ ଦ୍ୱାରା ଏତଲା ରୁଜୁ କରାଗଲା । ଏତଲାର ବିଷୟବସ୍ତୁରେ ସମସ୍ତ ଅଭିଯୁକ୍ତ ବ୍ୟକ୍ତିଙ୍କୁ ସମ୍ପୃକ୍ତ କରାଗଲା । ଅଭିଯୋଜନ ସାକ୍ଷୀ 2 ଏବଂ 5 ଜଣ ହେଉଛନ୍ତି ଘଟଣାର ପ୍ରତ୍ୟକ୍ଷଦର୍ଶୀ । ସେମାନେ, ଅଭିଯୁକ୍ତ 1 ରୁ 14 ଙ୍କୁ ଆକ୍ରମଣକାରୀ ଭାବରେ ମଧ୍ୟ ଜଡିତ କଲେ ଯେଉଁମାନେ ଅଦାଲତ ସାକ୍ଷୀ -1ଙ୍କ ଉପରେ ଗୁରୁତର ଆଘାତ କରିଥିଲେ, ଯାହା ଫଳରେ ଶେଷରେ ତାଙ୍କ ମୃତ୍ୟୁ ହୋଇଥିଲା ।

4. ଉପରେ ଉଲ୍ଲେଖ କରାଯାଇଥିବା ପରି, ମୃତ ବ୍ୟକ୍ତିଙ୍କ ମୃତ୍ୟୁ ପରେ, ଆଉ ଏକ ଅଭିଯୋଗ ଦାଖଲ କରାଯାଇଥିଲା ଏବଂ ଭାରତୀୟ ଦଣ୍ଡ ସଂହିତାର ଧାରା 307 ଅନୁଯାୟୀ ଦଣ୍ଡନୀୟ ଅପରାଧ ସମ୍ବନ୍ଧରେ ଏକ ମାମଲା ପଞ୍ଜିକୃତ ହୋଇଥିଲା । ଉପରେ ଉଲ୍ଲେଖ କରାଯାଇଥିବା ଭଳି ବିଚାରଣ ଅଦାଲତ ଅଭିଯୁକ୍ତ 4 ରୁ 14 ଜଣ ଦୋଷୀ ସାବ୍ୟସ୍ତ କରିନଥିଲେ । ଆବେଦନକାରୀମାନଙ୍କ ଦ୍ୱାରା ଏକ ଆବେଦନ କରାଯାଇଥିଲା, ଯାହାକୁ ଉପରେ ଉଲ୍ଲେଖ କରାଯାଇଥିବା ଭଳି ଖାରଜ କରିଦିଆଗଲା । ନିମ୍ନମତେ ବିଚାର କରି ଉଚ୍ଚ ନ୍ୟାୟାଳୟ ଏହି ଆବେଦନକୁ ଖାରଜ କରିଦେଲେ :

" ବିଚାରଣ ଅଦାଲତ ଅଭିଯୁକ୍ତ A-4 ରୁ A-14 ଙ୍କ ନିର୍ଦ୍ଦୋଷରେ ଖଲାସ କରିବାରେ ଘୋର ଭୁଲ କରିଛନ୍ତି । ଯେହେତୁ ଏଠାରେ ଧାରା 149 ଲାଗୁ ହୋଇଛି ଏବଂ ନିର୍ଦ୍ଦୋଷରେ ଖଲାସ ହୋଇଥିବା ଅଭିଯୁକ୍ତମାନେ, ଅଭିଯୁକ୍ତ A-1 ରୁ A-3 ଙ୍କର କାର୍ଯ୍ୟ ପାଇଁ ସମାନ ଏବଂ ପ୍ରାତିନିଧିକ ଭାବରେ ଦାୟୀ ହେବେ କାରଣ ସେମାନେ ସମାନ ଉଦ୍ଦେଶ୍ୟରେ ବେଆଇନ ଜନ ସମାବେଶରେ ସାମିଲ୍ ହୋଇଥିଲେଏବଂ ଆକ୍ରମଣରେ ମଧ୍ୟ ଅଂଶଗ୍ରହଣ କରିଥିଲେ । ବେଆଇନ ଦୋଷ ମୁକ୍ତି ବିରୋଧରେ ରାଜ୍ୟ କୌଣସି ଆବେଦନ କରିନାହାନ୍ତି ।

ବିଚାରଣ ଅଦାଲତ ଭାରତୀୟ ଦଣ୍ଡ ସଂହିତାର ଧାରା 326 ଅନୁଯାୟୀ ଅପରାଧ ଘଟାଇ ଥିବାରୁ ଅଭିଯୁକ୍ତ A-1 ରୁ A-3 ଙ୍କୁ ଦୋଷୀ ସାବ୍ୟସ୍ତ କଲେ I ଏଠାରେ ଆଘାତଟି ଅଣ-ଗୁରୁତ୍ୱପୂର୍ଣ୍ଣ ଅଂଶରେ ଲାଗିଥିବାରୁ, ମୃତ୍ୟୁ ଘଟାଇବାର ସମ୍ଭାବନା ଥିବା ଆଘାତ ପହଞ୍ଚାଇବାର କୌଣସି ଉଦ୍ଦେଶ୍ୟ ନାହିଁ ଏବଂ ମୃତ୍ୟୁ ଘଟାଇବାର କୌଣସି ଉଦ୍ଦେଶ୍ୟ ଏଠାରେ ହୋଇଥିବା ପ୍ରଦର୍ଶିତ କାର୍ଯ୍ୟରୁ ଅନୁମାନ କରାଯାଇପାରିବ ନାହିଁ I ତେଣୁ ଦଣ୍ଡସଂହିତାର ଧାରା 326 ଅନୁଯାୟୀ ଏଠାରେ ଦୋଷୀ ସାବ୍ୟସ୍ତିକରଣ ଯଥାର୍ଥ ଏବଂ ଉପଯୁକ୍ତ I ପରିଣାମ ଏବଂ ଭୟଙ୍କର କାର୍ଯ୍ୟକୁ ଦେଖି, ଲାଗୁ କରାଯାଇଥିବା ଦଣ୍ଡ ମଧ୍ୟ ସଠିକ୍ ଏବଂ ଉପଯୁକ୍ତ ଏବଂ ଏହା କୌଣସି ହସ୍ତକ୍ଷେପ ଆହ୍ୱାନ କରେ ନାହିଁ I ଆବେଦନକୁ ଖାରଜ କରି ଦିଆଗଲା I "

5. ଆବେଦନକାରୀଙ୍କ ତରଫରୁ ବିଦ୍ୱାନ ପରାମର୍ଶଦାତା ଦାଖଲ କରିଥିଲେ ଯେ ଉଚ୍ଚ ନ୍ୟାୟାଳୟଙ୍କ ରାୟ ଅଯୌକ୍ତିକ ଥିବାରୁ ସ୍ପଷ୍ଟ ଭାବରେ ଅପୋଷଣୀୟ I

6. ଉତ୍ତରଦାତା-ରାଜ୍ୟ ତରଫରୁ ବିଦ୍ୱାନ ପରାମର୍ଶଦାତା ଏହି ରାୟକୁ ସମର୍ଥନ କରିଥିଲେ I

7. ଅତି କମରେ କହିବାକୁ ଗଲେ, ଉଚ୍ଚ ନ୍ୟାୟାଳୟଙ୍କ ରାୟ ଦ୍ୱନ୍ଦ୍ୱର ଏକ ଗଣ୍ଠିଲି I ଉଚ୍ଚ ନ୍ୟାୟାଳୟ ରାୟ ଦେଲେ ଯେ , ବିଚାରଣ ଅଦାଲତ ଅଭିଯୁକ୍ତ A-4 ରୁ A-14 ଙ୍କ ନିର୍ଦ୍ଦୋଷରେ ଖଲାସ କରିବାରେ ଘୋର ଭୁଲ କରିଛନ୍ତି I ଯେହେତୁ ଏଠାରେ ଧାରା 149 ଲାଗୁ ହୋଇଛି ଏବଂ ନିର୍ଦ୍ଦୋଷରେ ଖଲାସ ହୋଇଥିବା ଅଭିଯୁକ୍ତମାନେ, A-1 ରୁ A-3 ଙ୍କର କାର୍ଯ୍ୟ ପାଇଁ ସମାନ ଏବଂ ପ୍ରାତିନିଧିକ ଭାବରେ ଦାୟୀ ହେବେ କାରଣ ସେମାନେ ସମାନ ଉଦ୍ଦେଶ୍ୟରେ ବେଆଇନ ଜନ ସମାବେଶରେ ସାମିଲ୍ ହୋଇଥିଲେଏବଂ ଆକ୍ରମଣରେ ମଧ୍ୟ ଅଂଶଗ୍ରହଣ କରିଥିଲେ I

8. ଉଚ୍ଚ ନ୍ୟାୟାଳୟ ଉଲ୍ଲେଖ କରିଛନ୍ତି ଯେ "ବେଆଇନ ଦୋଷ ମୁକ୍ତି" ବିରୋଧରେ ରାଜ୍ୟ କୌଣସି ଆବେଦନ ଦାଖଲ କରିନାହାନ୍ତି I

ଉଚ୍ଚ ନ୍ୟାୟାଳୟ ଦୋଷୀସାବ୍ୟସ୍ତିକରଣକୁ କାଏମ ରଖି ରାୟ ଦେଲେ ଯେ ଏଠାରେ ଆଘାତଟି ଅଣ-ଗୁରୁତ୍ୱପୂର୍ଣ୍ଣ ଅଂଶରେ ଲାଗିଥିବାରୁ, ମୃତ୍ୟୁ ଘଟାଇବାର ସମ୍ଭାବନା ଥିବା ଆଘାତ ପହଞ୍ଚାଇବାର କୌଣସି ଉଦ୍ଦେଶ୍ୟ ନାହିଁ ଏବଂ ମୃତ୍ୟୁ ଘଟାଇବାର କୌଣସି ଉଦ୍ଦେଶ୍ୟ ଏଠାରେ ହୋଇଥିବା ପ୍ରଦର୍ଶିତ କାର୍ଯ୍ୟରୁ ଅନୁମାନ କରାଯାଇପାରିବ ନାହିଁ I ତେଣୁ ଦଣ୍ଡାଦେଶକୁ ବଜାୟ ରଖାଯାଇଥିଲା ଏବଂ ଆବେଦନକୁ ଖାରଜ କରିଦିଆଗଲା I

ଯେହେତୁ ଉଚ୍ଚ ନ୍ୟାୟାଳୟ ଆବେଦନକାରୀଙ୍କ ପକ୍ଷରୁ କରାଯାଇଥିବା ବିଭିନ୍ନ ଯୁକ୍ତି ଉପରେ ନିଜର ବୁଦ୍ଧି ପ୍ରୟୋଗ କରିନାହାନ୍ତି ଏବଂ ଏକ ବେପରୁଆ ଢଙ୍ଗରେ ଆବେଦନଟିର ଫଇସଲା କରିଛନ୍ତି, ତେଣୁ ଆମର ଆକ୍ଷେପିତ ରାୟକୁ ରଦ୍ଦ କରିବାରେ କୌଣସି ଦ୍ୱନ୍ଦ୍ୱ ନାହିଁ । ଆଇନ ଅନୁଯାୟୀ ନୂତନ ଫଇସଲା ପାଇଁ ଆମେ ଏହି ମାମଲାକୁ ଉଚ୍ଚ ନ୍ୟାୟାଳୟଙ୍କ ନିକଟକୁ ଫେରାଇଦେଉଛୁ । ଯେହେତୁ ଫୌଜଦାରୀ ଆବେଦନ 2001 ମସିହାର ଅଟେ, ତେଣୁ ଆମେ ଉଚ୍ଚ ନ୍ୟାୟାଳୟଙ୍କୁ ଅନୁରୋଧ କରୁଛୁ ଯେ ଯଥାଶୀଘ୍ର ସମ୍ଭବ ଅକ୍ଟୋବର, 2008 ଶେଷ ସୁଦ୍ଧା ଆବେଦନଟିର ଫଇସଲା କରାଯାଉ ।

10. ଏହା ଉଲ୍ଲେଖ କରାଯାଇଛି ଯେ ଅଭିଯୁକ୍ତ ବ୍ୟକ୍ତିମାନଙ୍କ ଦୋଷୀ ସାବ୍ୟସ୍ତିକରଣକୁ ସ୍ଥଗିତ ରଖିବା ଏବଂ ଜାମିନ ମଞ୍ଜୁର ପାଇଁ ଏକ ନିବେଦନ ଉଚ୍ଚ ନ୍ୟାୟାଳୟରେ କରାଯିବ । ଯଦି ଏହା ଦାଖଲ କରାଯାଏ, ତେବେ ଏହା ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ବି. ବି. ବି. ମାମଲାକୁ ଉଚ୍ଚ ନ୍ୟାୟାଳୟଙ୍କ ନିକଟକୁ ଫେରାଇ ଦିଆଗଲା ।

## ଅସ୍ୱୀକରଣ

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର :***
ତୁଷାର କାନ୍ତ ଗୋଛି
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।